[2024] 3 S.C.R. 10: 2024 INSC 163

**ଶାଜିଆ ଅମନ୍ ଖାନ୍ ଏବଂ ଅନ୍ୟ ଜଣେ**

**ବନାମ**

**ଓଡ଼ିଶା ରାଜ୍ୟ ଏବଂ ଅନ୍ୟମାନେ**

(ଫୌଜଦାରୀ ଆବେଦନ ସଂଖ୍ୟା 1345/2024)

04 ମାର୍ଚ୍ଚ 2024

**[ସି.ଟି. ରବିକୁମାର ଏବଂ ରାଜେଶ ବିନ୍ଦଲ,* ନ୍ୟାୟମୂର୍ତ୍ତିଦ୍ୱୟ]**

**ବିଚାର ପାଇଁ ପ୍ରସଙ୍ଗ**

*ରାଷ୍ଟ୍ରୀୟ ଅଭିଭାବକ* ଅଧିକାରିତାରେ ଏକ ନାବାଳକ ଶିଶୁର ହେପାଜତ ।

**ମୁଖ୍ୟ ଟିପ୍ପଣୀ**

**ଶିଶୁ ଏବଂ ପରିବାର କଲ୍ୟାଣ - ନାବାଳକ ଶିଶୁର ହେପାଜତ - ଉତ୍ତରଦାତା ସଂଖ୍ୟା 2 ଏବଂ ତାଙ୍କ ପତ୍ନୀଙ୍କ ଠାରୁ ଜନ୍ମ ହୋଇଥିବା ଯମଜ ଝିଅମାନଙ୍କ ମଧ୍ୟରୁ ଜଣଙ୍କ ହେପାଜତ ଉପରେ ପ୍ରଶ୍ନ ଉଠୁଛି, ଯିଏକି ନିର୍ବିବାଦିତ ଭାବେ 3 ରୁ 4 ମାସ ବୟସରୁ ଆବେଦନକାରୀ ସଂଖ୍ୟା 2 (ଉତ୍ତରଦାତା ସଂଖ୍ୟା 2ର ପ୍ରକୃତ ଭଉଣୀ)ଙ୍କ ସହ  ଏବଂ ତା'ପରେ ପରିବାର ସହିତ ରହୁଥିଲେ :**

**ନିର୍ଣ୍ଣୟ କରାଗଲା :** ପିଲା ର ପ୍ରତିଭା ଏବଂ ବ୍ୟକ୍ତିତ୍ୱର ସମ୍ପୂର୍ଣ୍ଣ ବିକାଶ ପାଇଁ ପିଲାର ସ୍ଥାୟିତ୍ୱ ଏବଂ ସୁରକ୍ଷା ଏକ ଅତ୍ୟାବଶ୍ୟକ ଉପାଦାନ । ପିଲାମାନଙ୍କ କଲ୍ୟାଣ, ସାର୍ବଭୌମ ବିଚାର ଏବଂ ବ୍ୟକ୍ତିଗତ ଆଇନ ଏବଂ ବିଧି ନୁହେଁ - ପିଲାଟିର କଲ୍ୟାଣ ଦେଖିବାକୁ ହେବ, ପକ୍ଷମାନଙ୍କ ଅଧିକାର ନୁହେଁ - ଆଇନର ଅନ୍ୟ ଏକ ନୀତି ଯାହା ପିଲାର ହେପାଜତ ସମ୍ବନ୍ଧରେ ସ୍ଥିରୀକୃତ ହୋଇଛି ତାହା ହେଉଛି ପିଲାର ଇଚ୍ଛା, ଯଦି ସେ ସକ୍ଷମ -ବର୍ତ୍ତମାନ, ପିଲାଟିର ବୟସ ପାଖାପାଖି 14 ବର୍ଷ - ତାଙ୍କୁ ନ୍ୟାୟାଳୟକୁ ଡକାଯାଇଥିଲା ଏବଂ ଖାସ୍ କମରାରେ ବ୍ୟକ୍ତିଗତ ଭାବରେ ତାଙ୍କ ସହିତ କୋଠରୀରେ କଥାବାର୍ତ୍ତା କରାଯାଇଥିଲା - ସେ ବହୁତ ବୁଦ୍ଧିମାନ ଏବଂ ତାଙ୍କ କଲ୍ୟାଣ ବିଷୟରେ ବୁଝି ପାରୁଥିଲେ - ସେ ସ୍ପଷ୍ଟ ଭାବେ କହିଥିଲେ ଯେ ଯେଉଁ ପରିବାରରେ ସେ ଲାଳିତପାଳିତ ହୋଇଥିଲେ, ସେଥିରେ ସେ ଖୁସି ଥିଲେ - ତାଙ୍କର ଅନ୍ୟ ଭାଇ ଏବଂ ଭଉଣୀ ଅଛନ୍ତି ଏବଂ ସେମାନଙ୍କ ସହିତ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ରହିଛି ଏବଂ ସେ ସେଥିରୁ ଅଲଗା ହେବାକୁ ଚାହୁଁନାହାନ୍ତି  - ଯେତେବେଳେ ପିଲାର ତତ୍ତ୍ୱାବଧାନ ତାଙ୍କୁ ହସ୍ତାନ୍ତର କରାଯାଇଥିଲା ସେତେବେଳେ ଆବେଦନକାରୀ ସଂଖ୍ୟା 1 ଅବିବାହିତ ଥିଲେ ଏବଂ ଏବେ ସେ ବିବାହିତା ଏବଂ ତାଙ୍କର ଦୁଇଟି ସନ୍ତାନ ଅଛନ୍ତି, ଏହି ନ୍ୟାୟାଳୟ ଏହି ଉପସଂହାରରେ ପହଞ୍ଚିବା ପାଇଁ  ପ୍ରତିରୋଧକ ହେବ ନାହିଁ ଯେ ପିଲାର ସର୍ବୋତ୍ତମ ସ୍ୱାର୍ଥ ଏପର୍ଯ୍ୟନ୍ତ ଆବେଦନକାରୀ ସଂଖ୍ୟା 2 ସହିତ ରହିଛି, କାରଣ ପିଲାଟି 3 ରୁ 4 ମାସ ବୟସରୁ ତାଙ୍କ ସହିତ ରହୁଛନ୍ତି ଏବଂ ବର୍ତ୍ତମାନ ପ୍ରାୟ 14 ବର୍ଷ ବୟସର, ଏବଂ ତାଙ୍କ ମନରେ କୌଣସି ସନ୍ଦେହ ନାହିଁ ଯେ

* ଲେଖକ

ସେ ସେମାନଙ୍କ ସହିତ ରହିବାକୁ ଚାହୁଁଛନ୍ତି । ଆବେଦନକାରୀ ଏବଂ ଉତ୍ତରଦାତା ସଂଖ୍ୟା 10ର ହେପାଜତରେ ପିଲାଟିର କଲ୍ୟାଣ ତା ସହିତ ରହିଛି - ଏହା ଏହି ତଥ୍ୟ ସହିତ ଯୋଡ଼ି ହୋଇଛି ଯେ ସେ ମଧ୍ୟ ସେଠାରେ ରହିବାକୁ ଚାହାଁନ୍ତି - ତାଙ୍କ ହେପାଜତକୁ ଉତ୍ତରଦାତା ସଂଖ୍ୟା 2 କୁ ହସ୍ତାନ୍ତର କରିବା ପାଇଁ, 14 ବର୍ଷ ବୟସରେ ତାଙ୍କୁ ଏକ ଚଳନ୍ତି ସମ୍ପତ୍ତି ଭାବରେ ବିବେଚନା କରାଯାଇପାରିବ ନାହିଁ, ଯେଉଁଠି ସେ ଜନ୍ମରୁ ରହୁ ନାହାନ୍ତି - ପିଲାଟିର ସ୍ଥାୟିତ୍ୱ ମଧ୍ୟ ସର୍ବାଗ୍ରେ ବିଚାର କରିବା ଆବଶ୍ୟକ - ଅନ୍ୟାନ୍ୟ ବିଷୟ ମଧ୍ୟରେ ଆବେଦନକାରୀ ସଂଖ୍ୟା 2 ଏବଂ ଉତ୍ତରଦାତା ସଂଖ୍ୟା 10, ବିଶେଷ କରି ଆବେଦନକାରୀ ସଂଖ୍ୟା 1 ଏବଂ ଉତ୍ତରଦାତା ସଂଖ୍ୟା 10 ଙ୍କ ଠାରୁ ପିଲାକୁ ଉଦ୍ଧାର କରିବା ଏବଂ ଉତ୍ତରଦାତା ସଂଖ୍ୟା 2 କୁ ହସ୍ତାନ୍ତର କରିବା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆକ୍ଷେପିତ ଆଦେଶକୁ ବାତିଲ କରାଯାଇ ଉଚ୍ଚ ନ୍ୟାୟାଳୟରେ ଉତ୍ତରଦାତା ସଂଖ୍ୟା 2 ଦ୍ୱାରା ଦାଖଲ ହୋଇଥିବା ରିଟ୍ ଆବେଦନକୁ ଖାରଜ କରିଦିଆଯାଇଛି ।

## ନିର୍ଣ୍ଣୟବିଧି ଉଦ୍ଧୃତ କରାଗଲା

*ତେଜସ୍ୱାନୀ ଗୌଡ଼ ବନାମ ଶେଖର ଜଗଦୀଶ ପ୍ରସାଦ ତିୱାରୀ,* **[2019] 7 ଏସ୍.ସି.ଆର୍. 335 ଏ.ଆଇ.ଆର୍. 2019 ଏସ୍.ସି. 2318 - ଆବେଦନଯୋଗ୍ୟ ନୁହେଁ ବୋଲି ନିର୍ଣ୍ଣୟ କରାଗଲା ।**

*ଅଥର ହୁସେନ ବନାମ ସୟଦ ସିରାଜ ଅହମ୍ମଦ ଏବଂ ଅନ୍ୟମାନେ,* **[2010] 1 ଏସ.ସି.ଆର. 49 :(2010) 2 ଏସ.ସି.ସି. 654;** *ରୋହିତ ଥମ୍ମନା ଗୌଡ଼ା ବନାମ କର୍ଣ୍ଣାଟକ ରାଜ୍ୟ ଏବଂ ଅନ୍ୟମାନେ,* **[2022] 4 ଏସ.ସି.ଆର. 784: ଏ.ଆଇ.ଆର୍. 2022 ଏସ୍.ସି. 3511;** *ମୌସମୀ ମୋଇତ୍ରା ଗାଙ୍ଗୁଲି ବନାମ ଜୟନ୍ତ ଗାଙ୍ଗୁଲି,* **[2008] 8 ଏସ.ସି.ଆର. 260 :(2008) 7 ଏସ୍.ସି.ସି. 673;** *ନୀଲ୍ ରତନ୍ କୁଣ୍ଡୁ ଏବଂ ଅନ୍ୟ ଜଣେ ବନାମ ଅଭିଜିତ୍ କୁଣ୍ଡୁ,* **[2008] 11 ଏସ୍.ସି.ଆର୍. 1111 :(2008) 9 ଏସ.ସି.ସି. 413;** *ଆଶିଷ ରଞ୍ଜନ ବନାମ ଅନୁପମ ଟଣ୍ଡନ ଏବଂ ଅନ୍ୟଜଣେ,* **[2010] 14 ଏସ.ସି.ଆର. 961 :(2010) 14 ଏସ୍.ସି.ସି. 274;** *ରୋଶ୍ବାନ୍ ଶର୍ମା ବନାମ ଅରୁଣ ଶର୍ମା,* **[2015] 2 ଏସ୍.ସି.ଆର୍. 572 (2015) 8 ଏସ୍.ସି.ସି. 318 - ଉପରେ ନିର୍ଭର କରାଯାଇଥିଲା ।**

## ମୁଖ୍ୟ ଶବ୍ଦଗୁଡ଼ିକର ତାଲିକା

ନାବାଳକ ପିଲାର ତତ୍ତ୍ୱାବଧାନ; ରାଷ୍ଟ୍ରୀୟ ଅଭିଭାବକ ଅଧିକାରିତା; ପିଲାର ସ୍ଥାୟିତ୍ୱ ଏବଂ ସୁରକ୍ଷା; ପିଲାର କଲ୍ୟାଣ; ପିଲାର ଇଚ୍ଛା; ମହମ୍ମଦୀୟ ଆଇନ ।

## ଉତ୍ପନ୍ନ ମାମଲା

ଫୌଜଦାରୀ ଆବେଦନ ଅଧିକାରିତା : ଫୌଜଦାରୀ ଆବେଦନ ସଂଖ୍ୟା 1345/2024

**ଡିଜିଟାଲ୍ ସୁପ୍ରିମ କୋର୍ଟ ରିପୋର୍ଟସ୍**

ଡବ୍ଲୁ.ପି.ସି.ଆର୍.ଏଲ୍. ସଂଖ୍ୟା 160/2021 ରେ କଟକସ୍ଥିତ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ତା 03.04.2023 ରିଖର ରାୟ ଏବଂ ଆଦେଶରୁ

**ପକ୍ଷମାନଙ୍କ ପାଇଁ ଉପସ୍ଥିତି**

ଅମିତ ପୱନ, ଆନନ୍ଦ ନନ୍ଦନ, ଅଭିଷେକ ଅମ୍ରିତାଂଶୁ, ଆକର୍ଶ, ହାସନ ଜୁବର ୱାରିସ, ଏସ୍.ଏସ୍. ରାୱତ, ସୁଶ୍ରୀ ଶିବାଙ୍ଗୀ, ଅଧିବକ୍ତାଗଣ ଆବେଦନକାରୀଙ୍କ ପାଇଁ ।

ଶୋଭନ୍ ମିଶ୍ର, ସୁଶ୍ରୀ ବିପାଶା ତ୍ରିପାଠୀ, ସୁଶ୍ରୀ ସାଗରିକା ସାହୁ, ଅନାମ୍ ଚରଣ ପଣ୍ଡା, ହିତେନ୍ଦ୍ର ନାଥ ରଥ, ଅକ୍ଷତ ଶ୍ରୀବାସ୍ତବ, ଅଧିବକ୍ତାଗଣ ଉତ୍ତରଦାତାମାନଙ୍କ ପାଇଁ ।

**ସର୍ବୋଚ୍ଚ ନ୍ୟାୟାଳୟର ରାୟ/ଆଦେଶ**

**ରାୟ**

**ନ୍ୟାୟମୂର୍ତ୍ତି ରାଜେଶ ବିନ୍ଦଲ**

ଅନୁମତି ପ୍ରଦାନ କରାଗଲା ।

2. ରାଷ୍ଟ୍ରୀୟ ଅଭିଭାବକ ଅଧିକାରିତାରେ ଏକ ନାବାଳକ ପିଲାର ହେପାଜତ ସମ୍ବନ୍ଧୀୟ ପ୍ରସଙ୍ଗରେ ନିଷ୍ପତ୍ତି ନେବାକୁ ଏହି ନ୍ୟାୟାଳୟକୁ ଆବେଦନ କରାଯାଇଛି ।

3. ବର୍ତ୍ତମାନ ପିଲାଟିର ବୟସ 14 ବର୍ଷ, ସେ ଜନ୍ମରୁ ଆବେଦନକାରୀ ଏବଂ ଉତ୍ତରଦାତା ସଂଖ୍ୟା 10 ସହ ରହୁଛନ୍ତି ।

4. ପିଲାର ନିଜ ପିତା, ଉତ୍ତରଦାତା ସଂଖ୍ୟା 2 ଙ୍କ ଦ୍ୱାରା ଦାଖଲ ହୋଇଥିବା ଏକ ରିଟ୍ ପିଟିସନରେ[1] ଉଚ୍ଚ ନ୍ୟାୟାଳୟଙ୍କ[2] ଦ୍ୱାରା ପାରିତ ଆଦେଶ[3] ବିରୁଦ୍ଧରେ ଅସନ୍ତୁଷ୍ଟ ହୋଇ, ସୁମାୟା ଖାନମ୍ ତାଙ୍କ ସପକ୍ଷରେ, ତା'ର ହେପାଜତକୁ ପୁନରୁଦ୍ଧାର କରିବା ପାଇଁ, ବର୍ତ୍ତମାନର ଆବେଦନ ଦାଖଲ କରାଯାଇଛି ।

5. ପିଲାକୁ ଆବେଦନକାରୀ ସଂଖ୍ୟା 2 ଏବଂ ଉତ୍ତରଦାତା ସଂଖ୍ୟା 10, ବିଶେଷ କରି ଆବେଦନକାରୀ ସଂଖ୍ୟା 1 ଏବଂ ଉତ୍ତରଦାତା ସଂଖ୍ୟା 10 ଠାରୁ ଉଦ୍ଧାର କରିବାକୁ ଏବଂ ଉତ୍ତରଦାତା ସଂଖ୍ୟା 2 କୁ ହସ୍ତାନ୍ତର କରିବା ପାଇଁ ଉଚ୍ଚ ନ୍ୟାୟାଳୟ, ନ୍ୟାୟାଳୟର ରେଜିଷ୍ଟ୍ରାର (ନ୍ୟାୟିକ) ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ସରକାରଙ୍କ ପ୍ରାଧିକାରୀଙ୍କୁ ମଧ୍ୟ ପ୍ରତ୍ୟକ୍ଷୀକରଣର ଆଜ୍ଞାଦେଶ କାର୍ଯ୍ୟକାରୀ କରିବାକୁ ଏବଂ ପିଲାକୁ ଉତ୍ତରଦାତା ସଂଖ୍ୟା 2 କୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ।

---

[1] ଡବ୍ଲୁ. ପି. ସି. ଆର୍. ଏଲ. ସଂଖ୍ୟା 160/2021

[2] କଟକସ୍ଥିତ ଓଡ଼ିଶା ଉଚ୍ଚ ନ୍ୟାୟାଳୟ

[3] ତା 03.04.2023 ରିଖର ଆଦେଶ

6. ଆବେଦନକାରୀଙ୍କ ପକ୍ଷରୁ ବିଦ୍ୱାନ ଓକିଲ ଉପସ୍ଥାପନ କରିଥିଲେ ଯେ ତା 20.03.2010 ରିଖରେ ଉତ୍ତରଦାତା ସଂଖ୍ୟା 2 ଏବଂ ତାଙ୍କ ପତ୍ନୀଙ୍କର ଯମଜ ଝିଅ ଜନ୍ମ ହୋଇଥିଲେ । ସେହି ସମୟରେ ଉତ୍ତରଦାତା ସଂଖ୍ୟା 2 ରାଉରକେଲାଠାରେ ରହୁଥିଲେ । ପିଲାମାନେ ରାଞ୍ଚିରେ ଜନ୍ମ ହୋଇଥିଲେ ଯେଉଁଠାରେ ସେମାନଙ୍କ ଆଈ ମା' ରହୁଥିଲେ । ଯେହେତୁ ସେ ଯମଜ ସନ୍ତାନଙ୍କ ଯତ୍ନ ନେବାରେ ଅସମର୍ଥ ଥିଲେ, ତାଙ୍କ ଅନୁରୋଧ କ୍ରମେ, ଜଣକୁ ରାଞ୍ଚିରେ ଛାଡ଼ି ଦିଆଯାଇଥିଲା । ଆବେଦନକାରୀ ସଂଖ୍ୟା 2 ହେଉଛନ୍ତି ଉତ୍ତରଦାତା ସଂଖ୍ୟା 2ର ପ୍ରକୃତ ଭଉଣୀ । ଯେହେତୁ ଆଈ ଛୋଟ ଶିଶୁର ଯତ୍ନ ନେଇପାରୁନଥିଲେ, ତେଣୁ ତାଙ୍କୁ ଆବେଦନକାରୀ ସଂଖ୍ୟା 2କୁ ହସ୍ତାନ୍ତର କରାଯାଇଥିଲା । ଏହି ଘଟଣା ସେତେବେଳେ ଘଟିଥିଲା ଯେତେବେଳେ ଶିଶୁଟିକୁ ମାତ୍ର 2 ରୁ 3 ମାସର ହୋଇଥିଲା । ସେବେଠାରୁ ସେ ତାଙ୍କ ସହିତ ରହୁଛନ୍ତି । କୌଣସି ସମୟରେ ଉତ୍ତରଦାତା ସଂଖ୍ୟା 2 ଦ୍ୱାରା କୌଣସି ପ୍ରସଙ୍ଗ ଉଠାଯାଇ ନଥିଲା । ଏହା କେବଳ 2015 ମସିହାରେ ହୋଇଥିଲା, ଆବେଦନକାରୀ ଏବଂ ଉତ୍ତରଦାତା ସଂଖ୍ୟା 7 ଏବଂ 9 ଙ୍କ ବିରୋଧରେ ପିଲାଟିର ଅପହରଣ ସମ୍ପର୍କରେ ପୁଲିସରେ ଉତ୍ତରଦାତା ସଂଖ୍ୟା 2 ଦ୍ୱାରା ଏକ ଅଭିଯୋଗ ଦାଖଲ କରାଯାଇଥିଲା । ଯେହେତୁ ଏହା ଅପହରଣ ମାମଲା ନୁହେଁ, ଅଭିଯୋଗ ଅନୁଯାୟୀ, ପୋଲିସ ଦ୍ୱାରା ତା 31.08.2016 ରିଖରେ ପରିସମାପ୍ତି ରିପୋର୍ଟ ଉପସ୍ଥାପନ କରାଯାଇଥିଲା, ଯାହାକୁ ନ୍ୟାୟାଳୟର ତା 11.02.2017 ରିଖର ଆଦେଶ ଦ୍ୱାରା ଗ୍ରହଣ କରାଯାଇଥିଲା । ପରିସମାପ୍ତି ରିପୋର୍ଟର ସ୍ୱୀକୃତି ଉପରେ ଉତ୍ତରଦାତା ସଂଖ୍ୟା 2 ଦ୍ୱାରା କୌଣସି ଆପତ୍ତି ଉଠାଯାଇ ନଥିଲା । ତେବେ, ଏକ ଭିନ୍ନ ଆଭିମୁଖ୍ୟ ଗ୍ରହଣ କରି ପିଲାଟିର ହେପାଜତ ସମ୍ବନ୍ଧରେ ଆଇ.ପି.ସି. ଧାରା 363, 346, 120-ବି ଅନୁଯାୟୀ ଉତ୍ତରଦାତା ସଂଖ୍ୟା 2 ଦ୍ୱାରା ତା 27.03.2017 ରିଖରେ ଏକ ବ୍ୟକ୍ତିଗତ ଅଭିଯୋଗ[4] ଦାଖଲ କରାଯାଇଥିଲା । ଉପରୋକ୍ତ ଅଭିଯୋଗଟି ଏବେବି ବିଚାରାଧୀନ ରହିଛି ବୋଲି କୁହାଯାଇଛି । ଆବେଦନକାରୀ ଏବଂ ଉତ୍ତରଦାତା ସଂଖ୍ୟା 7 ଏବଂ 9 ଙ୍କ ଦ୍ୱାରା ଉଚ୍ଚ ନ୍ୟାୟାଳୟରେ ଦାଖଲ ହୋଇଥିବା ଏକ ଆବେଦନ[5]ରେ ଅଭିଯୋଗକୁ ରଦ୍ଦ କରିବାକୁ ଅନୁରୋଧ କରାଯାଇଛି, ଅଭିଯୋଗର ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନକୁ ସ୍ଥଗିତ ରଖାଯାଇଛି ।

6.1 ଉତ୍ତରଦାତା ସଂଖ୍ୟା 2 ଙ୍କ ଦ୍ୱାରା ଉପରୋକ୍ତ ଅଭିଯୋଗ ଦାଖଲ କରିବାର ତୁରନ୍ତ ପରେ, ଉତ୍ତରଦାତା ସଂଖ୍ୟା 2 ଙ୍କ ପତ୍ନୀ, ଅର୍ଥାତ୍ ପିଲାର ନିଜ ମାଆ, ପାଟନା ଉଚ୍ଚ ନ୍ୟାୟାଳୟରେ ଆବେଦନ[6] ଦାଖଲ କରି ଘରୋଇ ଉତ୍ତରଦାତାମାନଙ୍କ ଦୋଷାବହ କାରାରୋଧରୁ ପିଲାକୁ ଉଦ୍ଧାର କରିବା ପାଇଁ ସରକାରୀ ଉତ୍ତରଦାତାମାନଙ୍କୁ ନିର୍ଦ୍ଦେଶ ଜାରି କରିବା ପାଇଁ ପ୍ରାର୍ଥନା କରିଥିଲେ । ତେବେ, ଯେତେବେଳେ କୌଣସି ମାମଲା ପ୍ରସ୍ତୁତ ହୋଇପାରିଲା ନାହିଁ, ଆଇନ ଅନୁଯାୟୀ ପ୍ରତିକାର ପାଇବାର ସ୍ୱାଧୀନତା ସହିତ ପ୍ରତ୍ୟାହାର କରି ଉପରୋକ୍ତ ଆବେଦନକୁ ଖାରଜ କରିଦିଆଯାଇଥିଲା । ବାସ୍ତବତା ହେଉଛି ଯେ ଏହା ପରେ ପିଲାଟିର ମାଆ ପିଲାକୁ ହେପାଜତକୁ ନେବା ପାଇଁ ଅନ୍ୟ କୌଣସି ଉପାୟ ଅବଲମ୍ବନ କରିନଥିଲେ । ବାସ୍ତବରେ, ସେମାନେ ଆଦୌ ଆଗ୍ରହୀ ନଥିଲେ । ଏହା କେବଳ ମକଦ୍ଦମା ପାଇଁ ଥିଲା । ସେହି ସମୟରେ ସେ ସମ୍ମୁଖୀନ

---

[4] ଆଇ.ସି.ସି. ମାମଲା ସଂଖ୍ୟା 120/2017

[5] ସି.ଆର୍.ଏଲ.ଏମ୍.ସି. ସଂଖ୍ୟା 549/2019

[6] ଫୌଜଦାରୀ ରିଟ୍ କ୍ଷେତ୍ରାଧିକାର ମାମଲା ସଂଖ୍ୟା 1232/2017

ହେଉଥିବା ଆର୍ଥିକ ଅସୁବିଧା କାରଣରୁ ଉତ୍ତରଦାତା ସଂଖ୍ୟା 2 ଶିଶୁଟିକୁ ତା' ଆଈଙ୍କ ପାଖରେ ଛାଡ଼ି ଯାଇଥିଲେ ।

6.2 ଏହାର ଚାରି ବର୍ଷରୁ ଅଧିକ ସମୟ ପରେ, ଉତ୍ତରଦାତା ସଂଖ୍ୟା 2 ଉଚ୍ଚ ନ୍ୟାୟାଳୟରେ ଏକ ରିଟ୍ ଆବେଦନ ଦାଖଲ କରି ପିଲାଟିର ହେପାଜତ ପାଇଁ ଅନୁରୋଧ କରିଥିଲେ । ରିଟ୍ ଆବେଦନକୁ ଗ୍ରହଣ କରିବା ସମୟରେ, ଉଚ୍ଚ ନ୍ୟାୟାଳୟ, ତା 11.02.2022 ରିଖର ଆଦେଶଟିକୁ ଦେଖି , ରିଟ୍ ପିଟିସନ୍ ରେ ଥିବା ପ୍ରସଙ୍ଗଗୁଡ଼ିକୁ ଯାଞ୍ଚ କରାଯିବା ଆବଶ୍ୟକ ବୋଲି ଅନୁଧ୍ୟାନ କରିଥିଲେ । ତେବେ, ଏହି ମାମଲାର ଶୁଣାଣି ସମୟରେ, ଉଚ୍ଚ ନ୍ୟାୟାଳୟ ବିଭିନ୍ନ ପ୍ରସଙ୍ଗ ପ୍ରସ୍ତୁତ କରିଥିଲେ, ଯାହା ଆକ୍ଷେପିତ ରାୟର ଅନୁଚ୍ଛେଦ ସଂଖ୍ୟା 57 ରେ ପରିଦୃଷ୍ଟ ହୋଇଥିଲା ।

6.3 ସେ ଆହୁରି ମଧ୍ୟ ଉପସ୍ଥାପନ କରିଥିଲେ ଯେ ଆବେଦନକାରୀଙ୍କ ଦ୍ୱାରା ଉଚ୍ଚ ନ୍ୟାୟାଳୟଙ୍କ ନିକଟରେ ଅନେକ ଦସ୍ତାବିଜ ଉପସ୍ଥାପିତ ହୋଇଥିଲା ଯାହା ସ୍ୱଷ୍ଟ ଭାବରେ ପ୍ରମାଣିତ କରେ ଯେ ପିଲାଟି ସେବେଠାରୁ ଆବେଦନକାରୀ ଏବଂ ଉତ୍ତରଦାତା ସଂଖ୍ୟା 10 ସହିତ ରହୁଛନ୍ତି । ତାଙ୍କ ଜନ୍ମ ସମୟରେ, ତାଙ୍କ ନାମ ସୁମାୟା ଖାନମ୍ ଥିଲା, ଯାହା ପରେ ଦାନିଆ ଅମନ୍ ଖାନକୁ ପରିବର୍ତ୍ତନ କରାଯାଇଥିଲା । ଆବେଦନକାରୀ ସଂଖ୍ୟା 1 ଏବଂ ଉତ୍ତରଦାତା ସଂଖ୍ୟା 10 ଙ୍କ ଦ୍ୱାରା ଅଭିଭାବକ ଏବଂ ୱାର୍ଡ ଅଧିନିୟମ, 1890 ଅନୁଯାୟୀ ଏକ ଆବେଦନ[7] ଦାଖଲ କରାଯାଇଛି, ଯାହା ବିଚାରାଧୀନ ବୋଲି କୁହାଯାଇଛି । ତେବେ, ସେ ଉପସ୍ଥାପନ କରିଥିଲେ ଯେ ବର୍ତ୍ତମାନର କାର୍ଯ୍ୟାନୁଷ୍ଠାନରେ ଆବେଦନକାରୀମାନେ କେବଳ ପିଲାଟିର ହେପାଜତ ପ୍ରସଙ୍ଗ ଉଠାଉଛନ୍ତି ଏବଂ ଅଭିଭାବକତ୍ୱ ପ୍ରସଙ୍ଗ ନୁହେଁ । ସେ ସ୍ୱଷ୍ଟ ଭାବରେ ଉପସ୍ଥାପନ କରିଥିଲେ ଯେ ମହମ୍ମଦେନ୍ ଆଇନରେ ପୋଷ୍ୟ ସନ୍ତାନ ଗ୍ରହଣ କରିବାର କୌଣସି ବ୍ୟବସ୍ଥା ନାହିଁ । ଏହା କେବଳ କାଫାଲାହ, ଯେଉଁ ଦୃଷ୍ଟିରୁ କେବଳ ଅନ୍ୟ ବ୍ୟକ୍ତିଙ୍କୁ ହେପାଜତ ଦିଆଯାଇପାରିବ, ତେବେ, ପିଲାଟି ନିଜ ପିତାମାତାଙ୍କ ସହିତ ସମ୍ପର୍କ ଛିନ୍ନ କରେ ନାହିଁ ।

6.4 ନିର୍ଦ୍ଦେଶ ଉପରେ ଆବେଦନକାରୀଙ୍କ ପାଇଁ ବିଦ୍ୱାନ ଓକିଲ ସ୍ୱଷ୍ଟ ଭାବରେ ଦର୍ଶାଇଛନ୍ତି ଯେ ଆବେଦନକାରୀ ସଂଖ୍ୟା 1 ଏବଂ ଉତ୍ତରଦାତା ସଂଖ୍ୟା 10 ଙ୍କର ଆଉ ଦୁଇଟି ସନ୍ତାନ ଅଛନ୍ତି । ଯେଉଁ ପିଲାଟିର ଜନ୍ମହେବ ପରଠାରୁ ସେମାନଙ୍କର ତତ୍ତ୍ୱାବଧାନ ରହିଛି, ସେହି ପିଲାଟିର ଅନ୍ୟ ଦୁଇଟି ସନ୍ତାନ ସହିତ ସମାନ ଅଧିକାର ରହିବ । ତାଙ୍କୁ କୌଣସି ପ୍ରକାରେ ଭେଦଭାବ କରାଯିବ ନାହିଁ ।

[7] ପାଟଣା, ପରିବାର ନ୍ୟାୟାଳୟ,ନ୍ୟାୟାଳୟର ମୁଖ୍ୟ ନ୍ୟାୟାଧୀଶଙ୍କ ନିକଟରେ ଅଭିଭାବକତ୍ୱ ମାମଲା ସଂଖ୍ୟା 23/2016

6.5 ଉତ୍ତରଦାତା ସଂଖ୍ୟା 2ଙ୍କ ଆଚରଣ ସମ୍ବନ୍ଧରେ ପ୍ରସଙ୍ଗ ଉଠାଇ ସେ ଉପସ୍ଥାପନ କରିଥିଲେ ଯେ ପ୍ରଥମତଃ ପିଲାଟି ଆବେଦନକାରୀ ସଂଖ୍ୟା 1 ଏବଂ ଉତ୍ତରଦାତା ସଂଖ୍ୟା 10ଙ୍କ ସହ ରହିବାର ପାଞ୍ଚ ବର୍ଷ ପରେ ଉତ୍ତରଦାତା ସଂଖ୍ୟା 2ଙ୍କ ପତ୍ନୀ ପାଟନା ଉଚ୍ଚ ନ୍ୟାୟାଳୟରେ ବନ୍ଦୀ ପ୍ରତ୍ୟକ୍ଷୀକରଣ ଆଦେଶ ପାଇଁ ଏକ ଆବେଦନ ଦାଖଲ କରିଥିଲେ । ଏହାକୁ ପ୍ରତ୍ୟାହାର କରାଯିବା କାରଣରୁ ଖାରଜ କରାଯାଇଥିଲା । ଏହାର ଚାରି ବର୍ଷ ପରେ, ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଉତ୍ତରଦାତା ସଂଖ୍ୟା 2 ଦ୍ୱାରା ସମାନ ଆବେଦନ ଦାଖଲ କରାଯାଇଥିଲା । ସମୟର ବ୍ୟବଧାନ ଦର୍ଶାଏ ଯେ ଉତ୍ତରଦାତା ସଂଖ୍ୟା 2 ପିଲାଟିର ହେପାଜତରେ ଆଗ୍ରହୀ ନୁହଁନ୍ତି ।

6.6 ସେ ଆହୁରି ଦର୍ଶାଇଛନ୍ତି ଯେ ସେମାନଙ୍କର ସଦ୍ଭାବନା ଦର୍ଶାଇବା ପାଇଁ, ଆବେଦନକାରୀ ସଂଖ୍ୟା 1 ଏବଂ ଉତ୍ତରଦାତା ସଂଖ୍ୟା 10 ତାଙ୍କ ନାମରେ ବ୍ୟାଙ୍କରେ ଏଫ୍.ଡି.ଆର୍. ରେ 10,00,000 ଟଙ୍କା ଜମା କରିବାକୁ ଏବଂ ପ୍ରାୟ 50,00,000 ଟଙ୍କାର ବଜାର ମୂଲ୍ୟ ଥିବା ସମ୍ପତ୍ତି ମଧ୍ୟ ସ୍ଥାନାନ୍ତର କରିବାକୁ ପ୍ରସ୍ତୁତ ଏବଂ ଇଚ୍ଛୁକ । ବର୍ତ୍ତମାନ ପିଲାଟି ବଡ଼ ହୋଇଯାଇଛି । ସେ 14 ବର୍ଷ ବୟସର । ସେ ତାଙ୍କର ସର୍ବୋତ୍ତମ ସ୍ୱାର୍ଥ ବିଷୟରେ ଏକ ମତ ଗଠନ କରିବାରେ ସକ୍ଷମ । ପିଲାଟିର କଲ୍ୟାଣ ସର୍ବାଗ୍ରେ ବିଚାରଯୋଗ୍ୟ ଏବଂ ପକ୍ଷମାନଙ୍କର ଅଧିକାର ନୁହେଁ । ସ୍ଥାୟିତ୍ୱ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ, କାରଣ ଏହି ନ୍ୟାୟାଳୟ ଦ୍ୱାରା ପାରିତ ଯେକୌଣସି ଆଦେଶ ପିଲାଟିକୁ ସେହି ପରିବାରରୁ ବିତାଡ଼ିତ କରିପାରେ ଯେଉଁଠାରେ ସେ ଗତ 14 ବର୍ଷ ଧରି ବସବାସ କରିଆସୁଛନ୍ତି । ଏହି ପର୍ଯ୍ୟାୟରେ ତାଙ୍କର ପ୍ରତ୍ୟାପଣ ତାଙ୍କ ଉତ୍ତମ ଆଗ୍ରହ ହୋଇନପାରେ । ଯେତେବେଳେ ପକ୍ଷମାନେ ଲଢୁଛନ୍ତି, ଏହା ପିଲାଟିର କଲ୍ୟାଣ ଅଟେ ଏବଂ ବ୍ୟକ୍ତିଗତ ଆଇନ କିମ୍ବା ବିଧାନ ନୁହେଁ, ଯାହା ସର୍ବାଗ୍ରେ ବିଚାରଯୋଗ୍ୟ । ତାଙ୍କ ତର୍କର ସମର୍ଥନରେ, ଏପରି ମାମଲାରେ କେବଳ ପିଲାଟିର ସର୍ବୋତ୍ତମ ସ୍ୱାର୍ଥକୁ ହିଁ ବିଚାରକୁ ନିଆଯିବା କଥା ଏବଂ ହେପାଜତ ଏବଂ ଅଭିଭାବକତ୍ୱ ମଧ୍ୟରେ ଥିବା ପାର୍ଥକ୍ୟ ଉପରେ ବିଚାର କରାଯିବା ଉଚିତ, **ଅଥର ହୁସେନ୍ ବନାମ ସୟଦ ସିରାଜ ଅହମ୍ମଦ ଏବଂ ଅନ୍ୟମାନଙ୍କ**[8] ମାମଲାରେ ଏହି ନ୍ୟାୟାଳୟର ରାୟ ଉପରେ ନିର୍ଭରଶୀଳତା ରଖାଯାଇଥିଲା ।

7. ଏହାର ଉତ୍ତରରେ, ଉତ୍ତରଦାତା ସଂଖ୍ୟା 2 ପକ୍ଷରୁ ବିଦ୍ୱାନ ଓକିଲ ଉପସ୍ଥାପନ କରିଥିଲେ ଯେ ଏହା ଏକ ପିଲାକୁ ପରିତ୍ୟାଗ କରିବାର ମାମଲା ନୁହେଁ, ଯାହା ବର୍ତ୍ତମାନ ଆବେଦନକାରୀଙ୍କ ଦ୍ୱାରା ପ୍ରକ୍ଷେପିତ ହେବାକୁ ଚେଷ୍ଟା କରାଯାଉଛି। କୌଣସି ପିତାମାତା ସେହି ବିଷୟରେ କେବେ ଚିନ୍ତା କରିବେ ନାହିଁ, ପ୍ରକୃତରେ ଏହା କରିବା ବିଷୟରେ କ'ଣ ଆଲୋଚନା କରାଯିବ । ପିଲାଟିକୁ ତା'ର ଆଇମା' ଙ୍କ ପାଖରେ ଛାଡ଼ି ଦିଆଯାଇଥିଲା ଏବଂ ତା'ପରେ 3ରୁ 4 ମାସ ବୟସରେ ତା'ର ପ୍ରାରମ୍ଭିକ ଲାଳନପାଳନ ପାଇଁ ଆବେଦନକାରୀ ସଂଖ୍ୟା 2କୁ ହସ୍ତାନ୍ତର କରାଯାଇଥିଲା । ସେ ଆହୁରି ମଧ୍ୟ ଉପସ୍ଥାପନ କରିଥିଲେ ଯେ ଯେତେବେଳେ ପିଲାକୁ ଫେରାଇ ଆଣିବା ପାଇଁ ବାରମ୍ବାର ଅନୁରୋଧକୁ ସ୍ୱୀକାର କରାଯାଇ ନଥିଲା, ସେତେବେଳେ ଉତ୍ତରଦାତା ସଂଖ୍ୟା 2 ଙ୍କ ପାଖରେ ଏଫ୍.ଆଇ.ଆର୍. ଦାଖଲ କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନଥିଲା ଯେଉଁଥିରେ ଏକ ପରିସମାପ୍ତି ରିପୋର୍ଟ ଉପସ୍ଥାପନ କରାଯାଇଥିଲା ଏବଂ ଗ୍ରହଣ ମଧ୍ୟ

[8] (2010)2 ଏସ୍. ସି. ସି. 654

କରାଯାଇଥିଲା । ସେ ଆହୁରି ଉପସ୍ଥାପନ କରିଥିଲେ ଯେ ପାଞ୍ଚ ବର୍ଷର ଏହି ଅବଧି ମଧ୍ୟରେ ମଧ୍ୟ ପିଲାଟି ତା' ପିତାମାତାଙ୍କ ପାଖକୁ ଆସୁଥିଲା । ଏହା ମଧ୍ୟ ଉପସ୍ଥାପନ କରାଯାଇଥିଲା ଯେ ଉପରୋକ୍ତ ଏଫ୍.ଆଇ.ଆର୍. ରେ ପରିସମାପ୍ତି ରିପୋର୍ଟ ଗ୍ରହଣ କରାଯିବା ପରେ, ଉତ୍ତରଦାତା ସଂଖ୍ୟା 2 ପିଲାଟିର ହେପାଜତ ସମ୍ବନ୍ଧରେ ଆଇ.ପି.ସି. ଧାରା 363, 346, 120-B ଅନୁଯାୟୀ ତା 27.03.2017 ରିଖରେ ଏକ ଅଭିଯୋଗ ଦାଖଲ କରିଥିଲେ । ଉପରୋକ୍ତ ଅଭିଯୋଗଟି ଏବେବି ବିଚାରାଧୀନ ରହିଛି ବୋଲି କୁହାଯାଇଛି । ଆବେଦନକାରୀ ଏବଂ ଉତ୍ତରଦାତା ସଂଖ୍ୟା 7 ଏବଂ 9 ଙ୍କ ଦ୍ୱାରା ଦାଖଲ ହୋଇଥିବା ଏକ ଆବେଦନ[9] ରେ ଅଭିଯୋଗକୁ ରଦ୍ଦ କରିବାକୁ ଅନୁରୋଧ କରାଯିବା ଅଭିଯୋଗର ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଦ୍ୱାରା ସ୍ଥଗିତ ରଖାଯାଇଛି । ଉତ୍ତରଦାତା ସଂଖ୍ୟା 2 ଦ୍ୱାରା ଉପରୋକ୍ତ ଅଭିଯୋଗ ଦାଖଲ କରିବାର ତୁରନ୍ତ ପରେ, ତାଙ୍କ ପତ୍ନୀ, ଅର୍ଥାତ୍ ପିଲାଟିର ନିଜ ମା, ପାଟନା ଉଚ୍ଚ ନ୍ୟାୟାଳୟର କ୍ଷେତ୍ରାଧିକାରରେ ଆବେଦନ ଦାଖଲ କରି ଘରୋଇ ଉତ୍ତରଦାତାମାନଙ୍କ ଦୋଷାବହ କାରାରୋଧରୁ ପିଲାଟିକୁ ଉଦ୍ଧାର କରିବା ପାଇଁ ସରକାରୀ ଉତ୍ତରଦାତାମାନଙ୍କୁ ନିର୍ଦ୍ଦେଶ ଜାରି କରିବାକୁ ପ୍ରାର୍ଥନା କରିଥିଲେ । ଉପରୋକ୍ତ ଅବେଦନଟିକୁ ଖାରଜ କରିଦିଆଯାଇଥିଲା କରଣ ଆଇନ ଅନୁଯାୟୀ ଅନ୍ୟ କୌଣସି ପ୍ରତିକାର ପାଇବା ପାଇଁ ସ୍ୱାଧୀନତା ସହିତ ଆବେଦନକୁ ପ୍ରତ୍ୟାହାର କରି ନିଆଯାଇଥିଲା ।

7.1 ଉଚ୍ଚ ନ୍ୟାୟାଳୟରେ ଆବେଦନ ଦାଖଲ କରିବାରେ ବିଳମ୍ବକୁ ବ୍ୟାଖ୍ୟା କରି, ଉତ୍ତରଦାତା ସଂଖ୍ୟା 2 ଙ୍କ ବିଦ୍ୱାନ ଓକିଲ ଉପସ୍ଥାପନ କରିଥିଲେ ଯେ ଏହା କୋଭିଡ ମହାମାରୀ କାରଣରୁ ହୋଇଛି । ସେ ଆହୁରି ମଧ୍ୟ ଦର୍ଶାଇଛନ୍ତି ଯେ 2015 ମସିହାରୁ ପିଲାର ନିଜ ପିତାମାତା ତାଙ୍କୁ ଭେଟିବାକୁ ମଧ୍ୟ ସକ୍ଷମ ହୋଇ ନାହାଁନ୍ତି । ଉତ୍ତରଦାତା ସଂଖ୍ୟା 2 ପିଲାର ସମସ୍ତ ଆବଶ୍ୟକତାକୁ ଧ୍ୟାନରେ ରଖିବା ଏବଂ ତା'ର ସର୍ବୋତ୍ତମ ଶିକ୍ଷା ପ୍ରଦାନ କରିବାରେ ସକ୍ଷମ ଥିଲା ଏବଂ ଅଛି, ଯେପରି ଯମଜ ସନ୍ତାନ ଜନ୍ମ ହୋଇଥିବାରୁ ପିଲାଟିର ଭଉଣୀକୁ ପ୍ରଦାନ କରାଯାଉଛି । ଏହା ମଧ୍ୟ ଯୁକ୍ତି କରାଯାଇଥିଲା ଯେ ଆବେଦନକାରୀ ସଂଖ୍ୟା 1 ଉତ୍ତରଦାତା ସଂଖ୍ୟା 10 ସହିତ ବିବାହ କରିଥିଲେ, ଯିଏ ପରିବାର ପାଇଁ ଜଣେ ଅପରିଚିତ ବ୍ୟକ୍ତି । ମୋହମ୍ମଦେନ ଆଇନ ଅନୁଯାୟୀ, ପିଲାର ହେପାଜତ ଅପରିଚିତ ବ୍ୟକ୍ତିଙ୍କୁ ଦିଆଯାଇପାରିବ ନାହିଁ, ଯିଏ ବିବାହର ନିଷିଦ୍ଧ ସମ୍ପର୍କ ବାହାରେ କିନ୍ତୁ ସେ ସ୍ପଷ୍ଟ ଭାବରେ ଉପସ୍ଥାପନ କରିଥିଲେ ଯେ ସେମାନେ ସମସ୍ତେ ଏକ ମିଳିତ ପରିବାରରେ ରହୁଛନ୍ତି ।

7.2 ଏହା ମଧ୍ୟ ଯୁକ୍ତି କରାଯାଇଥିଲା ଯେ ଏହି ନ୍ୟାୟାଳୟରେ ଆବେଦନକାରୀଙ୍କ ଦ୍ୱାରା କରାଯାଇଥିବା ଏକ ପ୍ରାର୍ଥନା ହେଉଛି ଯେ ଆବେଦନକାରୀ ସଂଖ୍ୟା 2 କୁ କିଛି ସମୟ ପାଇଁ ପିଲା ସହିତ ରହିବାକୁ ଅନୁମତି ଦିଆଯାଉ, ଯଦି ଉତ୍ତରଦାତା ସଂଖ୍ୟା 2 କୁ ହେପାଜତ ହସ୍ତାନ୍ତର କରାଯାଏ ଯାହା ଦ୍ୱାରା ପିଲାଟି ନୂତନ ପରିବେଶରେ ସ୍ଥିରିକୃତ ହୋଇପାରିବ । ଆବେଦନକାରୀଙ୍କ ଦ୍ୱାରା ଦିଆଯାଇଥିବା ଉଚିତ ପ୍ରସ୍ତାବ ଉପରେ ଉତ୍ତରଦାତା ସଂଖ୍ୟା 2 ର କୌଣସି ଆପତ୍ତି ନାହିଁ । ବାସ୍ତବରେ, ଯେତେବେଳେ ପିଲାଟିକୁ ଆବେଦନକାରୀ ସଂଖ୍ୟା 1କୁ ହସ୍ତାନ୍ତର କରାଯାଇଥିଲା, ସେତେବେଳେ ସେ ଅବିବାହିତା ଥିଲେ । ତେବେ, ଏହା ପରେ ସେ ବିବାହ କରିଥିଲେ ଏବଂ ତାଙ୍କର ଦୁଇଟି ସନ୍ତାନ ଅଛନ୍ତି । ପିଲାଟି ପ୍ରତି ଭେଦଭାବ କରାଯାଇପାରେ । ଯଦି ପିଲାଟିର ତତ୍ତ୍ୱାବଧାନ ଉତ୍ତରଦାତା ସଂଖ୍ୟା 2କୁ ହସ୍ତାନ୍ତର

---

[9] ସି.ଆର୍.ଏଲ.ଏମ୍. ସି ସଂଖ୍ୟା 549/2019

କରାଯାଏ, ପାଟନା ଏବଂ ରାଉରକେଲା ମଧ୍ୟରେ ଦୂରତା ଅଧିକ ନୁହେଁ, ତେଣୁ ଆବେଦନକାରୀମାନେ ପିଲାଟିକୁ ଭେଟିବା ପାଇଁ ସର୍ବଦା ସ୍ୱାଗତଯୋଗ୍ୟ । ପିଲାର ପରିଚୟକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଛି ଯାହା ଏହି ପ୍ରକ୍ରିୟାରେ ହଜିଯାଇଛି। ଯଦି ସେ ଫେରି ଆସନ୍ତି, ତେବେ ତାଙ୍କ ଯମଜ ଭଉଣୀଙ୍କ ପ୍ରେମ, ସ୍ନେହ ଏବଂ ସଙ୍ଗ ମଧ୍ୟ ରହିବ । ସମର୍ଥନରେ, **ତେଜସ୍ୱାନୀ ଗୌଡ଼ ବନାମ ଶେଖର ଜଗଦୀଶ ପ୍ରସାଦ ତିୱାରୀ**[10] **ଏବଂ ରୋହିତ ଥମ୍ମନା ଗୌଡ଼ା ବନାମ କର୍ଣ୍ଣାଟକ ରାଜ୍ୟ ଏବଂ ଅନ୍ୟମାନେ**[11] ମାମଲା ଉପରେ ନିର୍ଭରଶୀଳତା ରଖାଯାଇଥିଲା । ଆବେଦନକୁ ଖାରଜ କରିବା ପାଇଁ ପ୍ରାର୍ଥନାଟି ।

8. ପକ୍ଷମାନଙ୍କ ପାଇଁ ବିଦ୍ୱାନ ଅଧିବକ୍ତା ଶୁଣିଲେ ଏବଂ ପ୍ରାସଙ୍ଗିକ ଉଲ୍ଲେଖିତ ନଥିକୁ ଅଧ୍ୟୟନ କଲେ ।

9. ନଥିରେ ଥିବା ନିର୍ବିବାଦିତ ତଥ୍ୟ ହେଉଛି ଯେ ତା 20.03.2010 ରିଖରେ ଉତ୍ତରଦାତା ସଂଖ୍ୟା 2 ଏବଂ ତାଙ୍କ ପତ୍ନୀଙ୍କର ଯମଜ ଜନ୍ମ ହୋଇଥିଲେ । ସେମାନଙ୍କ ମଧ୍ୟରୁ ଜଣେ, ଯାହାଙ୍କ ହେପାଜତ ଉପରେ ପ୍ରଶ୍ନ ଉଠୁଛି, ନିର୍ବିବାଦ ଭାବେ ଆବେଦନକାରୀ ସଂଖ୍ୟା 2ଙ୍କ ସହ 3 ରୁ 4 ମାସ ବୟସରୁ ରହିଆସୁଛନ୍ତି ଏବଂ ତା 'ପରେ ପରିବାର ସହିତ ରହୁଛନ୍ତି । ବର୍ତ୍ତମାନ ସେ ପାଖାପାଖି 14 ବର୍ଷ ବୟସର । ଏହା ଏପରି ଏକ ମାମଲା ନୁହେଁ ଯେଉଁଥିରେ କୌଣସି ପକ୍ଷ ପୋଷ୍ୟ ଗ୍ରହଣ କରିବା ପାଇଁ ଦାବି କରୁଛନ୍ତି ଅନ୍ୟଥା ଯାହା ମହମ୍ମଦୀୟ ଆଇନ ଅନୁଯାୟୀ ଅନୁମତିପ୍ରାପ୍ତ ନୁହେଁ । ଅଭିଭାବକତ୍ୱ ମଧ୍ୟ ଦାବି କରାଯାଉନାହିଁ । ଏହା କେବଳ ପିଲାଟିର ହେପାଜତକୁ ନେଇ ବିବାଦ ।

10. ଗୁଣବତ୍ତା ଆଧାରରେ ଏହି ପ୍ରସଙ୍ଗର ମୁକାବିଲା କରିବା ପୂର୍ବରୁ, ଆମେ ଏହି ପ୍ରସଙ୍ଗର ଆଇନଗତ ସ୍ଥିତିକୁ ଉଲ୍ଲେଖ କରିବା ଉଚିତ ବୋଲି ବିବେଚନା କରୁ ।

11. **ଅଥର ହୁସେନ୍ ବନାମ ସୟଦ ସିରାଜ ଅହମ୍ମଦ ଏବଂ ଅନ୍ୟମାନଙ୍କ ମାମଲାରେ (ଉପରୋକ୍ତ)** ଏହି ନ୍ୟାୟାଳୟ ପିଲାର ହେପାଜତ, ଅଭିଭାବକତ୍ୱ ଏବଂ ସ୍ଥାୟିତ୍ୱର ଧାରଣାକୁ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ, ଯେତେବେଳେ ନିମ୍ନମତେ ଦର୍ଶାଯାଇଛି :

> "31. ଆମେ ଏହି ତଥ୍ୟ ପ୍ରତି ଧ୍ୟାନ ଦେଉଛୁ ଯେ, ଯେପର୍ଯ୍ୟନ୍ତ ଅଭିଭାବକତ୍ୱ ପ୍ରସଙ୍ଗ ରହିଛି, ଜି.ଡବ୍ଲ୍ୟୁ.ସି. ଅଧିନିୟମର ଧାରା 19 ଅନୁଯାୟୀ ଆପତତଃ ମାମଲା ପିତାଙ୍କ ସପକ୍ଷରେ ରହିଛି, ଯେ ପର୍ଯ୍ୟନ୍ତ ପିତା ଅଭିଭାବକ ହେବା ପାଇଁ ଯୋଗ୍ୟ ନୁହଁନ୍ତି, ଅନ୍ୟ ଅଭିଭାବକ ନିଯୁକ୍ତ କରିବା ପାଇଁ ନ୍ୟାୟାଳୟର କୌଣସି ଅଧିକାରିତା ନାହିଁ । ଏହା ମଧ୍ୟ ସତ୍ୟ ଯେ ଆବେଦନକାରୀଙ୍କ ବିରୁଦ୍ଧରେ ବ୍ୟାପକ ଅଭିଯୋଗ ସତ୍ତ୍ୱେ ଉତ୍ତରଦାତାମାନେ ପ୍ରମାଣ କରିବାରେ ସକ୍ଷମ ହୋଇ ନାହାଁନ୍ତି ଯେ ସେ ନାବାଳକ ପିଲାମାନଙ୍କର ଯତ୍ନ ନେବା ପାଇଁ ଯୋଗ୍ୟ ନୁହଁନ୍ତି, କିମ୍ବା ପରିବାର ନ୍ୟାୟାଳୟ କିମ୍ବା ଉଚ୍ଚ ନ୍ୟାୟାଳୟ ତାଙ୍କୁ ଏପରି ପାଇ ନାହାଁନ୍ତି । ତେବେ, ହେପାଜତର ପ୍ରଶ୍ନ ଅଭିଭାବକତ୍ୱ ପ୍ରଶ୍ନଠାରୁ ଭିନ୍ନ ଅଟେ । ପିତା ପିଲାମାନଙ୍କର ସ୍ୱାଭାବିକ ଅଭିଭାବକ

[10] [2019] 7 ଏସ୍.ସି.ଆର୍. 335 : ଏ.ଆଇ.ଆର୍. 2019 ଏସ୍.ସି. 2318

[11] [2022] 4 ଏସ୍.ସି.ଆର୍. 784 : ଏ.ଆଇ.ଆର୍. 2022 ଏସ୍.ସି. 3511

ହୋଇ ରହିପାରିବେ; ତଥାପି, ଶିଶୁର କଲ୍ୟାଣ ସମ୍ବନ୍ଧୀୟ ବିଚାର ଅନ୍ୟ ଜଣେ ବନ୍ଧୁ କିମ୍ବା ସମ୍ପର୍କୀୟଙ୍କ ସହିତ ଆଇନ ସମ୍ମତ ହେପାଜତକୁ ସୂଚିତ କରିପାରିବ ଯେ ଏହା ତାଙ୍କ ସ୍ୱାର୍ଥକୁ ଭଲ ଭାବରେ ପୂରଣ କରିପାରୁଛି ।

XX XX XX

37. ପିଲାମାନଙ୍କ ବ୍ୟାପାର ଏବଂ ଦିନଚର୍ଯ୍ୟାରେ ସ୍ଥାୟିତ୍ୱ ଏବଂ ଦୃଢ଼ତା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଚାର ଅଟେ ବୋଲି ଏହି ନ୍ୟାୟାଳୟ ଦ୍ୱାରା ଅନ୍ୟ ଏକ ନିଷ୍ପତ୍ତିରେ କୁହାଯାଇଥିଲା, ଯାହା ଆବେଦନକାରୀଙ୍କ ବିଦ୍ୱାନ ଓକିଲଙ୍କ ଦ୍ୱାରା **ମୌସମୀ ମୋଇତ୍ରା ଗାଙ୍ଗୁଲି ବନାମ ଜୟନ୍ତ ଗାଙ୍ଗୁଲି,** (2008) 7 ଏସ.ସି.ସି. 673 ରେ ଉଦ୍ଧୃତ ହୋଇଥିଲା । ଏହି ନ୍ୟାୟାଳୟ ନିର୍ଣ୍ଣୟ କଲେ :

> "24 ...... ଆମେ ବିଶ୍ୱାସ କରୁ ଯେ ସତ୍ୟଜିତଙ୍କ ଏହି ପର୍ଯ୍ୟାୟରେ ଆହ୍ଲାବାଦରୁ ସ୍ଥାନଚ୍ୟୁତ ହେବା, ଯେଉଁଠାରେ ସେ ଯଥେଷ୍ଟ ଭଲ ପରିବେଶରେ ବଢ଼ିଛନ୍ତି, କେବଳ ତାଙ୍କ ବିଦ୍ୟାଳୟ ଶିକ୍ଷାରେ ବାଧା ସୃଷ୍ଟି କରିବ ନାହିଁ, ଏହା ତାଙ୍କ ପାଇଁ ଭାବପ୍ରବଣ ଚାପ ଏବଂ ଅବସାଦ ମଧ୍ୟ ସୃଷ୍ଟି କରିପାରେ ।"

ନିଜ ମାଆଙ୍କ ସହ ରହିବା ପାଇଁ ପୁଅର ଅନିଚ୍ଛାକୁ ଦୃଷ୍ଟିରେ ରଖି, ନ୍ୟାୟାଳୟ ଆହୁରି ମନ୍ତବ୍ୟ ଦେଇଛନ୍ତି :

> "26.ଏହି ପରିସ୍ଥିତିରେ ଏବଂ ପିଲାର କଲ୍ୟାଣ ପାଇଁ ସର୍ବୋତ୍ତମ ବିଚାରକୁ ଧ୍ୟାନରେ ରଖି, ଆମେ ନିଶ୍ଚିତ ଯେ ଯଦି ସେ ପିତାଙ୍କ ତତ୍ତ୍ୱାବଧାନରେ ରହିବେ ତେବେ ପିଲାର ସ୍ୱାର୍ଥ ଏବଂ କଲ୍ୟାଣ ସର୍ବୋତ୍ତମ ଭାବରେ ପୂରଣ ହୋଇପାରିବ । *ଆମ ମତରେ, ବର୍ତ୍ତମାନ ପାଇଁ, ମାଷ୍ଟର ସତ୍ୟଜିତଙ୍କ ହେପାଜତରେ ବାଧା ଦେବା ବାଞ୍ଛନୀୟ ନୁହେଁ* ଏବଂ ତେଣୁ, ମା 'ଙ୍କୁ ଭେଟିବା ଅଧିକାର ସହିତ ପିତାଙ୍କୁ ତାଙ୍କର ସ୍ୱତନ୍ତ୍ର ହେପାଜତ ପ୍ରଦାନ କରୁଥିବା ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ବଜାୟ ରଖିବା ଯୋଗ୍ୟ । "
>
> *[ଗୁରୁତ୍ୱ ପ୍ରଦାନ କରାଯାଇଛି]*

XX XX XX

41. ତେବେ, ରାଜସ୍ଥାନର ଉଚ୍ଚ ନ୍ୟାୟାଳୟ ରାୟ ଦେଇଛନ୍ତି ଯେ ଧାରା 19ର ଆଲୋକରେ, ଯାହା ନାବାଳକଙ୍କ ପିତା ଜୀବିତ ଏବଂ ଅଯୋଗ୍ୟ ହୋଇନଥିବାବେଳେ ଅଭିଭାବକ ନିଯୁକ୍ତ କରିବାକୁ ନ୍ୟାୟାଳୟଙ୍କୁ ବାରଣ କରେ, ନ୍ୟାୟାଳୟ କୌଣସି ମାତୃ ସମ୍ପର୍କୀୟଙ୍କୁ ଅଭିଭାବକ ଭାବରେ ନିଯୁକ୍ତ କରିପାରିବେ ନାହିଁ, ଯଦିଓ ନାବାଳକଙ୍କ ବ୍ୟକ୍ତିଗତ ଆଇନ ତାଙ୍କ ସପକ୍ଷରେ ପକ୍ଷପାତୀୟ ହେପାଜତ ଦେଇପାରେ । ଯାହା ସ୍ପଷ୍ଟ

ହେଉଛି ଯେ ଉପରୋକ୍ତ ନିଷ୍ପତ୍ତି ଜଣେ ଅଭିଭାବକଙ୍କ ନିଯୁକ୍ତି ସମ୍ପର୍କରେ ଥିଲା । ଏଥିରେ କୌଣସି ସନ୍ଦେହ ନାହିଁ, ଯେପର୍ଯ୍ୟନ୍ତ ପିତା ଅଯୋଗ୍ୟ ବୋଲି ପ୍ରମାଣିତ ନହୁଅନ୍ତି, ଅନ୍ୟ ବ୍ୟକ୍ତିଙ୍କ ଦ୍ୱାରା ଦାଖଲ ହୋଇଥିବା ଅଭିଭାବକତ୍ୱ ଆବେଦନକୁ ଗ୍ରହଣ କରାଯାଇପାରିବ ନାହିଁ । ତଥାପି, ଆମେ ପୂର୍ବରୁ ଦେଖିଛୁ ଯେ ହେପାଜତ ପ୍ରଶ୍ନ ଅଭିଭାବକତ୍ୱ ଠାରୁ ଭିନ୍ନ ଥିଲା । ଯେପର୍ଯ୍ୟନ୍ତ ହେପାଜତ ବିଷୟଗୁଡିକ ସମ୍ପର୍କିତ, ନ୍ୟାୟାଳୟ ଅଧିନିୟମର ଧାରା 19 ଅନୁଯାୟୀ ପରିକଳ୍ପିତ ପ୍ରତିବନ୍ଧକ ଦ୍ୱାରା ଆବଦ୍ଧ ନୁହଁନ୍ତି ।

*[ଗୁରୁତ୍ୱ ପ୍ରଦାନ କରାଯାଇଛି]*

12. **ମୌସମୀ ମୋଇତ୍ରା ଗାଙ୍ଗୁଲି ବନାମ ଜୟନ୍ତ ଗାଙ୍ଗୁଲି**[12] ମାମଲାରେ ଏହି ନ୍ୟାୟାଳୟ ମତ ଦେଇଛନ୍ତି ଯେ ପିଲାଟିର ପ୍ରତିଭା ଏବଂ ବ୍ୟକ୍ତିତ୍ୱର ସମ୍ପୂର୍ଣ୍ଣ ବିକାଶ ପାଇଁ ପିଲାର ସ୍ଥାୟିତ୍ୱ ଏବଂ ସୁରକ୍ଷା ଏକ ଅତ୍ୟାବଶ୍ୟକ ଉପାଦାନ । ଏହାର ପ୍ରାସଙ୍ଗିକ ଅନୁଚ୍ଛେଦ ନିମ୍ନରେ ଉଦ୍ଧୃତ ହୋଇଛି :

"23. ନଥିରେ ଥିବା ତଥ୍ୟ ଏବଂ ନିମ୍ନ ନ୍ୟାୟାଳୟମାନଙ୍କ ଦ୍ୱାରା କରାଯାଇଥିବା ପର୍ଯ୍ୟବେକ୍ଷଣ ଉପରେ ଆମର ଚିନ୍ତାଜନକ ବିଚାର ପ୍ରଦାନ କରିବା ପରେ, ଆମର ମତ ହେଉଛି ଯେ ବର୍ତ୍ତମାନର ମାମଲାରେ ଉଚ୍ଚ ନ୍ୟାୟାଳୟଙ୍କ ରାୟ ଏବଂ ଆଦେଶକୁ ବାତିଲ କରିବାର କୌଣସି ଆଧାର ନାହିଁ । ପିଲାଟିର କଲ୍ୟାଣ ପିତାଙ୍କ ହାତରେ କୌଣସି ପ୍ରକାରେ ବିପଦରେ ଅଛି ବୋଲି ସୂଚିତ କରିବା ପାଇଁ ନଥିରେ କିଛି ନାହିଁ । ଆମ ମତରେ, ପିଲାର ପ୍ରତିଭା ଏବଂ ବ୍ୟକ୍ତିତ୍ୱର ସମ୍ପୂର୍ଣ୍ଣ ବିକାଶ ପାଇଁ ପିଲାଟିର ସ୍ଥାୟିତ୍ୱ ଏବଂ ସୁରକ୍ଷା ମଧ୍ୟ ଏକ ଅତ୍ୟାବଶ୍ୟକ ଉପାଦାନ । ଯେପରି ଉପରେ ଉଲ୍ଲେଖ କରାଯାଇଛି, ଆବେଦନକାରୀ ଜଣେ ଶିକ୍ଷୟିତ୍ରୀ, ବର୍ତ୍ତମାନ ପାନିପତର ଏକ ବିଦ୍ୟାଳୟରେ ନିଯୁକ୍ତ, ଯେଉଁଠାରେ ସେ କିଛି ସମୟ ପୂର୍ବରୁ ଚଣ୍ଡିଗଡ଼ରୁ ସ୍ଥାନାନ୍ତରିତ ହୋଇଥିଲେ । ପୂର୍ବରୁ ସେ କଲିକତାର କୌଣସି ଏକ ବିଦ୍ୟାଳୟରେ ଶିକ୍ଷାଦାନ କରୁଥିଲେ । ସ୍ୱୀକାରଯୋଗ୍ୟ ଯେ ସେ ଏକା ରହୁଛନ୍ତି । ଏକ ସ୍ୱଳ୍ପ ଅବଧି ପାଇଁ ଆବେଦନକାରୀଙ୍କ ସହିତ ରହିଥିବା ବ୍ୟତୀତ, ମାଷ୍ଟର ସତ୍ୟଜିତ ଆହ୍ଲାବାଦରେ ରହୁଛନ୍ତି ଏବଂ ଏକ ଭଲ ବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି ଏବଂ ସେଠାରେ ତାଙ୍କର ଛୋଟ ବନ୍ଧୁ ଗୋଷ୍ଠୀ ଅଛନ୍ତି ବୋଲି କହିଛନ୍ତି । ଆହ୍ଲାବାଦ ତୁଳନାରେ ପାନିପଥ ତାଙ୍କ ପାଇଁ ଏକ ସମ୍ପୂର୍ଣ୍ଣ ନୂଆ ପରିବେଶ ହେବ ।

*[ଗୁରୁତ୍ୱ ପ୍ରଦାନ କରାଯାଇଛି]*

13. **ନୀଲ୍ ରତନ୍ କୁନ୍ଦୁ ଏବଂ ଅନ୍ୟଜଣେ ବନାମ ଅଭିଜିତ୍ କୁନ୍ଦୁ**[13] ମାମଲାରେ, ଏହି ନ୍ୟାୟାଳୟ ନାବାଳକ ପିଲାମାନଙ୍କର ହେପାଜତକୁ ପରିଚାଳନା କରୁଥିବା ନୀତି ସ୍ଥିର କରିଥିଲେ ଏବଂ ନିମ୍ନମତେ ପର୍ଯ୍ୟବେକ୍ଷଣ କରି ପକ୍ଷଗୁଡ଼ିକର ଅଧିକାର ନୁହେଁ, ବରଂ ପିଲାମାନଙ୍କ କଲ୍ୟାଣକୁ ଦେଖିବାକୁ ହେବ ବୋଲି ରାୟ ଦେଇଥିଲେ :

" ନାବାଳକ ପିଲାମାନଙ୍କର ହେପାଜତକୁ ନିୟନ୍ତ୍ରଣ କରୁଥିବା ନୀତି

[12] [2008] 8 ଏସ୍.ସି.ଆର୍. 260 : (2008) 7 ଏସ୍.ସି.ସି. 673

[13] [2008] 11 ଏସ୍.ସି.ଆର୍. 1111 : (2008) 9 ଏସ୍.ସି.ସି. 413

> 53. ଏକ ପିଲାର ହେପାଜତ ସମ୍ବନ୍ଧୀୟ ଆଇନ ସ୍ପଷ୍ଟ ଭାବରେ ସ୍ଥିର ହୋଇଛି ଏବଂ ଆମ ରାୟ ଅନୁସାରେ ଏହା ହେଉଛି ଏହି ରାୟ । ନାବାଳକଙ୍କ ହେପାଜତ ସମ୍ବନ୍ଧରେ ଏକ କଠିନ ଏବଂ ଜଟିଳ ପ୍ରଶ୍ନର ନିଷ୍ପତ୍ତି ନେବା ସମୟରେ, ବିଚାରାଳୟ ପ୍ରାସଙ୍ଗିକ ବିଧି ଏବଂ ସେଥିରୁ ଆସୁଥିବା ଅଧିକାରକୁ ଧ୍ୟାନରେ ରଖିବା ଉଚିତ । କିନ୍ତୁ ଏଭଳି ମାମଲାଗୁଡ଼ିକର ନିଷ୍ପତ୍ତି କେବଳ ଆଇନଗତ ବ୍ୟବସ୍ଥାଗୁଡ଼ିକର ବ୍ୟାଖ୍ୟା ଦ୍ୱାରା କରାଯାଇପାରିବ ନାହିଁ । ଏହା ଏକ ମାନବୀୟ ସମସ୍ୟା ଏବଂ ଏହାକୁ ମାନବୀୟ ସ୍ପର୍ଶ ଅନୁଯାୟୀ ସମାଧାନ କରାଯିବା ଆବଶ୍ୟକ । ଏକ ନ୍ୟାୟାଳୟ, ହେପାଜତ ମାମଲାଗୁଡ଼ିକର ବିଚାର କରିବା ସମୟରେ, ଆଇନ ଦ୍ୱାରା କିମ୍ବା ପ୍ରମାଣ କିମ୍ବା ପ୍ରକ୍ରିୟାର କଠୋର ନିୟମ ଦ୍ୱାରା କିମ୍ବା ପୂର୍ବ ଦୃଷ୍ଟାନ୍ତ ଦ୍ୱାରା ଆବଦ୍ଧ ନୁହେଁ । ଜଣେ ନାବାଳକଙ୍କ ଉପଯୁକ୍ତ ଅଭିଭାବକ ଚୟନ କରିବା ସମୟରେ, ପିଲାର କଲ୍ୟାଣ ଏବଂ ମଙ୍ଗଳ ସର୍ବାଗ୍ରେ ବିଚାର କରାଯିବା ଉଚିତ । ଜଣେ ଅଭିଭାବକ ଚୟନ କରିବାରେ, ନ୍ୟାୟାଳୟ ରାଷ୍ଟ୍ରୀୟ ଅଭିଭାବକ ଅଧିକାରିତା ପ୍ରୟୋଗ କରୁଛନ୍ତି ଏବଂ ଆଶା କରାଯାଏ ଯେ, ପିଲା ର ସାଧାରଣ ଆରାମ, ସନ୍ତୋଷ, ସ୍ୱାସ୍ଥ୍ୟ, ଶିକ୍ଷା, ବୌଦ୍ଧିକ ବିକାଶ ଏବଂ ଅନୁକୂଳ ପରିବେଶକୁ ଉପଯୁକ୍ତ ଗୁରୁତ୍ୱ ଦେବା ପାଇଁ ବାଧ୍ୟ । କିନ୍ତୁ ଶାରୀରିକ ସ୍ୱାଚ୍ଛନ୍ଦ୍ୟ ବ୍ୟତୀତ, ନୈତିକ ଏବଂ ନୀତିଶାସ୍ତ୍ର ମୂଲ୍ୟବୋଧକୁ ଅଣଦେଖା କରାଯାଇପାରିବ ନାହିଁ । ସେଗୁଡ଼ିକ ସମାନ, କିମ୍ବା ଆମେ କହିପାରିବା, ଆହୁରି ଅଧିକ ଗୁରୁତ୍ୱପୂର୍ଣ୍ଣ, ଅତ୍ୟାବଶ୍ୟକ ଏବଂ ଅପରିହାର୍ଯ୍ୟ ବିଚାର । ଯଦି ନାବାଳକ ଜଣକ ଏକ ବୁଦ୍ଧିମାନ ପସନ୍ଦ କିମ୍ବା ରାୟ ଗଠନ କରିବା ପାଇଁ ଯଥେଷ୍ଟ ବୟସ୍କ, ତେବେ ନ୍ୟାୟାଳୟ ମଧ୍ୟ ଏହିପରି ପସନ୍ଦ ଉପରେ ଚିନ୍ତା କରିବା ଆବଶ୍ୟକ, ଯଦିଓ ନାବାଳକଙ୍କ କଲ୍ୟାଣ ପାଇଁ କ'ଣ ଅନୁକୂଳ ତାହାର ଚୂଡ଼ାନ୍ତ ନିଷ୍ପତ୍ତି ନ୍ୟାୟାଳୟ ଉପରେ ନିର୍ଭର କରିବା ଉଚିତ୍ ।
>
> XX XX XX
>
> 55. <u>ନିମ୍ନ ନ୍ୟାୟାଳୟଗୁଡିକର ଆଭିମୁଖ୍ୟକୁ ଆମେ ପ୍ରଶଂସା କରିପାରିବୁ ନାହିଁ । ଏହି ନ୍ୟାୟାଳୟ ଅନେକ ନିଷ୍ପତ୍ତିରେ ନିର୍ଣ୍ଣୟ କରିଛନ୍ତି ଯେ ପିଲାମାନଙ୍କ ହେପାଜତକୁ ନିୟନ୍ତ୍ରଣ କରୁଥିବା ନିୟନ୍ତ୍ରଣ ବିଚାର ହେଉଛି ପିଲାମାନଙ୍କ କଲ୍ୟାଣ ଏବଂ ସେମାନଙ୍କ ପିତାମାତାଙ୍କ ଅଧିକାର ନୁହେଁ ।</u>
>
> *[ଗୁରୁତ୍ୱ ପ୍ରଦାନ କରାଯାଇଛି]*

14. ଏହି ନ୍ୟାୟାଳୟ କ୍ରମାଗତ ଭାବେ ରାୟ ଦେଇଛନ୍ତି ଯେ ପିଲାର କଲ୍ୟାଣ ସର୍ବାଗ୍ରେ ବିଚାରଯୋଗ୍ୟ ଏବଂ ବ୍ୟକ୍ତିଗତ ଆଇନ ଏବଂ ବିଧାନ ନୁହେଁ । **<u>ଆଶିଷ ରଞ୍ଜନ ବନାମ ଅନୁପମ ଟଣ୍ଡନ ଏବଂ ଅନ୍ୟଜଣେ</u>**[14] ମାମଲାରେ, ଏହି ନ୍ୟାୟାଳୟ ନିମ୍ନମତେ ରାୟ ଦେଇଛନ୍ତି :

> "19. କୌଣସି ବ୍ୟକ୍ତିଗତ ଆଇନ ଅଧୀନରେ ପିଲା ର ହେପାଜତ ସହିତ ଜଡିତ ବୈଧାନିକ ବ୍ୟବସ୍ଥା ନାବାଳକର କଲ୍ୟାଣ ପାଇଁ କ'ଣ ଅନୁକୂଳ ତାହା ସାର୍ବଭୌମ ବିଚାରକୁ ଅତିକ୍ରମ କରିପାରିବ ନାହିଁ ଏବଂ

[14] [2010] 14 ଏସ୍.ସି.ଆର୍. 961 : (2010) 14 ଏସ୍.ସି.ସି. 274

କରିବା ଉଚିତ ନୁହେଁ । ବାସ୍ତବରେ, ଏହି ବିଷୟ ଉପରେ କୌଣସି ବିଧାନ, ନାବାଳକଙ୍କ କଲ୍ୟାଣର ଗୁରୁତ୍ୱପୂର୍ଣ୍ଣ କାରକକୁ ଅଣଦେଖା, ପରିତ୍ୟାଗ କିମ୍ବା ନିଶ୍ଚିହ୍ନ କରିପାରିବ ନାହିଁ ।

15. **ରୋକ୍ସାନ୍ ଶର୍ମା ବନାମ ଅରୁଣ ଶର୍ମା**[15] ମାମଲାରେ ଏହି ନ୍ୟାୟାଳୟ ମତ ଦେଇଛନ୍ତି ଯେ ପିଲାଟି ଏକ ଚଳନ୍ତି ସମ୍ପତ୍ତି କିମ୍ବା ପେଣ୍ଡୁ ନୁହେଁ ଯେ ଏପାଖ ସେପାଖ ପ୍ରତିକ୍ଷିପ୍ତ ହେବ । ପିଲାଟିର କଲ୍ୟାଣ ହେଉଛି କେନ୍ଦ୍ରବିନ୍ଦୁ ।ଅନୁଚ୍ଛେଦ ସଂଖ୍ୟା 18 ରୁ ପ୍ରାସଙ୍ଗିକ ଧାଡ଼ିଗୁଡିକ ନିମ୍ନରେ ପୁନଃ ପ୍ରଦତ୍ତ ପାଇଁ ଆଗତ ହୋଇଛି :

"18 ...... ଏଥିରେ କୌଣସି ଆପତ୍ତି ନାହିଁ ଯେ ଯେତେବେଳେ ଏକ ନୟାଳୟ ହେପାଜତରେ ପରସ୍ପର ବିରୋଧୀ ଦାବିର ସମ୍ମୁଖୀନ ହୁଏ, ସେତେବେଳେ ପିତାମାତାଙ୍କ କୌଣସି ଅଧିକାର ନାହିଁ ଯାହାକୁ ଲାଗୁ କରିବାକୁ ପଡିବ; ପିଲାଟି ଏକ ଚଳନ୍ତି ସମ୍ପତ୍ତି କିମ୍ବା ପେଣ୍ଡୁ ନୁହେଁ ଯାହା ପିତାମାତାଙ୍କ ପାଖକୁ ଏପାଖ ସେପାଖ ପ୍ରତିକ୍ଷିପ୍ତ ହେବ । ଏହା କେବଳ ପିଲାର କଲ୍ୟାଣ ଯାହା ବିଚାରର କେନ୍ଦ୍ରବିନ୍ଦୁ ଅଟେ । ସଂସଦ ଯଥାର୍ଥ ଭାବରେ ଭାବୁଛି ଯେ ପାଞ୍ଚ ବର୍ଷରୁ କମ୍ ବୟସର ପିଲାର ତତ୍ତ୍ୱାବଧାନ ସାଧାରଣତଃ ମା'ଙ୍କ ପାଖରେ ରହିବା ଉଚିତ ଏବଂ ଏହି ଆଶା କେବଳ ଦୃଢ଼ କାରଣ ପାଇଁ ବିଚ୍ୟୁତ ହୋଇପାରିବ ।

16. ଆଇନର ଅନ୍ୟ ଏକ ନୀତି ଯାହା ପିଲାର ତତ୍ତ୍ୱାବଧାନ ସମ୍ବନ୍ଧରେ ସ୍ଥିରୀକୃତ ହୋଇଥାଏ, ତାହା ହେଉଛି ପିଲାର ଇଚ୍ଛା, ଯଦି ସେ ସକ୍ଷମ । **ରୋହିତ ଥମ୍ମନା ଗୌଡ଼ା ବନାମ କର୍ଣ୍ଣାଟକ ରାଜ୍ୟ ଏବଂ ଅନ୍ୟମାନଙ୍କ ମାମଲା (ଉପରୋକ୍ତ)** କୁ ସନ୍ଦର୍ଭିତ କରାଯାଇପାରିବ । ଏହା ନିମ୍ନମତେ ନିର୍ଣ୍ଣୟ ହୋଇଥିଲା :

"13. ଆମେ ପୂର୍ବରୁ କହିଛୁ ଯେ ' ପିଲାର ଇଚ୍ଛା/ଅଭିଳାଷ କ'ଣ ' ପ୍ରଶ୍ନଟି କଥାବାର୍ତ୍ତା ମାଧ୍ୟମରେ ନିରୂପଣ କରାଯାଇପାରିବ, କିନ୍ତୁ ତା'ପରେ, 'ପିଲାର ସର୍ବୋତ୍ତମ ସ୍ୱାର୍ଥ କ'ଣ ହେବ 'ପ୍ରଶ୍ନଟି ସମସ୍ତ ପ୍ରାସଙ୍ଗିକ ପରିସ୍ଥିତିକୁ ଧ୍ୟାନରେ ରଖି ନ୍ୟାୟାଳୟ ଦ୍ୱାରା ନିଷ୍ପତ୍ତି ନେବାକୁ ହେବ । ତେବେ, ଆକ୍ଷେପିତ ରାୟକୁ ଯତ୍ନର ସହ ଅନୁଧ୍ୟାନ କଲେ ଜଣାପଡ଼ିବ ଯେ ଉକ୍ତ ପ୍ରଶ୍ନକୁ ଯଥାର୍ଥ ଭାବେ ଚିହ୍ନଟ କରିବା ପରେ ମଧ୍ୟ ଉଚ୍ଚ ନ୍ୟାୟାଳୟ ଉକ୍ତ ପ୍ରସଙ୍ଗରୁ ଦୂରେଇ ଯାଇଥିଲେ ଏବଂ ଉକ୍ତ ଉଦ୍ଦେଶ୍ୟ ପାଇଁ ପ୍ରାସଙ୍ଗିକ ନଥିବା କେତେକ ଦିଗ ଉପରେ ବିଚାର କରିଥିଲେ । ଉକ୍ତ ମନ୍ତବ୍ୟର କାରଣ ଆମେ ବ୍ୟାଖ୍ୟା କରିବୁ ।"

17. ସାଂପ୍ରତିକ ମାମଲାରେ, ତା 12.12.2023 ରିଖର ଆଦେଶ ଅନୁସାରେ , ଆମେ ପିଲାଟିକୁ ନ୍ୟାୟାଳୟରେ ଡାକିଥିଲୁ । ଆମେ ଖାସ କମରାରେ ପିଲା, ଆବେଦନକାରୀ ଏବଂ ଉତ୍ତରଦାତା ସଂଖ୍ୟା 2 ସହିତ ବ୍ୟକ୍ତିଗତ ଭାବରେ କଥାବାର୍ତ୍ତା କରିଥିଲୁ । ଆମେ ଜାଣିବାକୁ ପାଇଲୁ ଯେ ପିଲାଟି ବହୁତ ବୁଦ୍ଧିମାନ, ଯିଏ ତା'ର କଲ୍ୟାଣ ବିଷୟରେ ବୁଝି ପାରୁଥିଲା । ସେ ସ୍ପଷ୍ଟ ଭାବେ କହିଥିଲେ ଯେ ଯେଉଁ ପରିବାରରେ ସେ ଲାଳିତପାଳିତ ହୋଇଛନ୍ତି, ସେଥିରେ ସେ ଖୁସି ଅଛନ୍ତି । ତାଙ୍କର ଆଉ ଜଣେ ଭାଇ ଏବଂ ଭଉଣୀ ଅଛନ୍ତି । ସେମାନଙ୍କ ସହିତ ତାଙ୍କର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ରହିଛି । ସେ ଅଲଗା ହେବାକୁ ଚାହାଁନ୍ତି ନାହିଁ ।

[15] [2015] 2 ଏସ୍.ସି.ଆର୍. 572 : (2015) 8 ଏସ୍.ସି.ସି. 318

18. **<u>ତେଜସ୍ୱାନୀ ଗୌଡ଼ ବନାମ ଶେଖର ଜଗଦୀଶ ପ୍ରସାଦ ତିୱାରୀଙ୍କ ମାମଲା (ଉପରୋକ୍ତ)</u>** ର ରାୟ, ଉତ୍ତରଦାତା ସଂଖ୍ୟା 2 ପାଇଁ ବିଦ୍ୱାନ ଓକିଲଙ୍କ ଦ୍ୱାରା କରାଯାଇଥିବା ନିର୍ଭର ତାଙ୍କୁ ସହଯୋଗ କରିପାରିନାହିଁ, କାରଣ ସେହି ମାମଲାରେ ପିଲାର ବୟସ ମାତ୍ର ପାଞ୍ଚ ବର୍ଷ ଥିଲା । ଏହା ଏପରି ଏକ ମାମଲା ଯାହା ପିଲାର ତତ୍ତ୍ୱାବଧାନ କିପରି ହସ୍ତାନ୍ତର କରାଯିବ ସେ ସମ୍ବନ୍ଧରେ ନିର୍ଦ୍ଦେଶାବଳୀ ପ୍ରଦାନ କରିଥାଏ ।

19. ଯେତେବେଳେ ପିଲାଟିର ହେପାଜତ ଆବେଦନକାରୀ ସଂଖ୍ୟା 1ଙ୍କୁ ହସ୍ତାନ୍ତର କରାଯାଇଥିଲା, ସେ ଅବିବାହିତ ଥିଲେ ଏବଂ ବର୍ତ୍ତମାନ ବିବାହିତା ଏବଂ ତାଙ୍କର ଦୁଇଟି ସନ୍ତାନ ଅଛନ୍ତି, ଏହି ସତ୍ୟତା, ଏହି ନ୍ୟାୟାଳୟର ଏହି ଉପସଂହାରରେ ପହଞ୍ଚିବା ପାଇଁ ଏକ ପ୍ରତିରୋଧକ ହେବ ନାହିଁ ଯେ ପିଲାର ସର୍ବୋତ୍ତମ ସ୍ୱାର୍ଥ ତଥାପି ଆବେଦନକାରୀ ସଂଖ୍ୟା 2 ପାଖରେ ରହିଛି କାରଣ ପିଲାଟି 3 ରୁ 4 ମାସ ବୟସରୁ ତାଙ୍କ ସହିତ ରହୁଛନ୍ତି ଏବଂ ବର୍ତ୍ତମାନ ପ୍ରାୟ 14 ବର୍ଷ ବୟସର, ତାଙ୍କ ମନରେ କୌଣସି ସନ୍ଦେହ ନାହିଁ ଯେ ସେ ସେମାନଙ୍କ ସହିତ ରହିବାକୁ ଚାହୁଁଛନ୍ତି ।

20. ଆମର ଉପରୋକ୍ତ ଆଲୋଚନାକୁ ଦୃଷ୍ଟିରେ ରଖି, ଆମେ ଦେଖୁଛୁ ଯେ ପିଲାର କଲ୍ୟାଣ ଆବେଦନକାରୀ ଏବଂ ଉତ୍ତରଦାତା ସଂଖ୍ୟା 10 ଙ୍କ ପାଖରେ ତାଙ୍କ ହେପାଜତରେ ରହିଛି । ଏହା ଏହି ତଥ୍ୟ ସହିତ ଯୋଡ଼ିତ ହୋଇଛି ଯେ ସେ ମଧ୍ୟ ସେଠାରେ ରହିବାକୁ ଚାହାଁନ୍ତି । ବର୍ତ୍ତମାନ ତାଙ୍କ ବୟସ ଦୃଷ୍ଟିରୁ, ସେ ଏହି ପ୍ରସଙ୍ଗରେ ଏକ ମତ ଗଠନ କରିବାରେ ସକ୍ଷମ ଅଟନ୍ତି । ଆମେ ଯେତେବେଳେ ତାଙ୍କ ସହ କଥାବାର୍ତ୍ତା କଲୁ, ସେତେବେଳେ ସେ ଏହି ପ୍ରସଙ୍ଗରେ ବେଶ୍ ସ୍ପଷ୍ଟବାଦୀ ଥିଲେ । ତାଙ୍କ ହେପାଜତକୁ ଉତ୍ତରଦାତା ସଂଖ୍ୟା 2 କୁ ହସ୍ତାନ୍ତର କରିବା ପାଇଁ, 14 ବର୍ଷ ବୟସରେ ତାଙ୍କୁ ଏକ ଚଳନ୍ତି ସମ୍ପତ୍ତି ଭାବରେ ବିବେଚନା କରାଯାଇପାରିବ ନାହିଁ, ଯେଉଁଠାରେ ସେ ତାଙ୍କ ଜନ୍ମ ପରଠାରୁ ରହୁନାହାନ୍ତି । ପିଲାଟିର ସ୍ଥାୟିତ୍ୱ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ବିଚାର ଆବଶ୍ୟକ କରେ ।

21. ତଦନୁସାରେ ଆବେଦନକୁ ଅନୁମତି ଦିଆଯାଇଛି । ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆକ୍ଷେପିତ ଆଦେଶକୁ ବାତିଲ କରିଦିଆଯାଇଛି, ଯାହାର ଫଳସ୍ୱରୂପ ଉଚ୍ଚ ନ୍ୟାୟାଳୟରେ ଉତ୍ତରଦାତା ସଂଖ୍ୟା 2 ଦ୍ୱାରା ଦାଖଲ ହୋଇଥିବା ରିଟ୍ ଆବେଦନଟି ଖାରଜ ହୋଇଛି । ଆମେ ଆଶା କରୁଛୁ ଯେ ଆବେଦନକାରୀମାନେ ଯୁକ୍ତି ସମୟରେ ସେମାନଙ୍କ ଦ୍ୱାରା ନିଆଯାଇଥିବା ଆଭିମୁଖ୍ୟକୁ ପାଳନ କରିବେ, ଯେପରି ଉପରେ ଉଲ୍ଲେଖ କରାଯାଇଛି ।

ଦିବ୍ୟା ପାଣ୍ଡେଙ୍କ ଦ୍ୱାରା ଶୀର୍ଷଲିପି ପ୍ରସ୍ତୁତ କରାଯାଇଛି ।

ମାମଲାର ଫଳାଫଳ :
ଆବେଦନକୁ ଅନୁମତି ଦିଆଗଲା ।

# <u>ଅସ୍ୱୀକରଣ</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

*<u>ଭାଷାନ୍ତର :</u>*

ରଶ୍ମିତା ମୁର୍ମୁ , ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ , କଟକ ।